## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ଖଇରା,(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମର ଅଜିତ ବିଶ୍ୱାଳ(୩୨) ଶନିବାର ରାତିରେ ପାଣିକୋଇଲି ନିକଟରେ ବାଇକ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଯାଜପୁରରେ ଏକ ବ୍ୟାଙ୍କରେ କାର୍ଯ୍ୟରତ ଅଜିତ ବାଇକରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ଧକ୍କାରେ ପ୍ରାଣ ହରାଇଥିଲେ। ରବିବାର ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ରାଇରଙ୍ଗପୁର,୧୭।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମଝିଗାଁରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ପିଟିପିଟି ମାରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ସୀତା ମହାକୁଡ଼। ପୋଲିସ ତାଙ୍କ ସ୍ୱାମୀ ଅଭିଲାଷଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ସୀତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ପୋଲିସକୁ ଜଣାଇଥିଲେ। ରବିବାର ମାଜିଷ୍ଟ୍ରେଟ ରାଇରଙ୍ଗପୁର ସହକାରୀ ଜିଲାପାଳ ଶକୁନ୍ତଳା ହାଁସଦାଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୀତାଙ୍କ ବାପା ଯଶିପୁର ଥାନା ଅନ୍ତର୍ଗତ ଠାକୁରଗଡ଼ା ଗ୍ରାମର ଡମ୍ବରୁଧର ମହାକୁଡ଼ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୮/୨୧) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ମୃତ ସୀତା ୨ ବର୍ଷ ତଳେ ଅଭିଲାଷଙ୍କୁ ଭଲ ପାଇ ବିବାହ କରିଥିବା ବେଳେ ୭ ମାସର ଗର୍ଭବତୀ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

**ବାରିପଦା ଅଫିସ,୧୭।୧:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଦାରୋଗାଡ଼ାହି ଅଞ୍ଚଳର ଜନୈକା ମହିଳା ନିଆଁରେ ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ମୃତକ ହେଲେ ନିବେଦିତା ଦାସ । ଶୁକ୍ରବାର ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### କଲେଜ ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ଖଇରା, ୧୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟ ପ୍ରତିଷ୍ଠାର ଅନ୍ୟତମ ପୁରୋଧା ତଥା ଖଇରାର ବାଇମୁଣ୍ଡି ଭାବେ ପରିଚିତ ସ୍ୱର୍ଗତ ନଗେନ୍ଦ୍ର ନାଥ ମହାନ୍ତିଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଶନିବାର ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ସଭାରେ ଚିନ୍ତାମଣି ସାହାଣି ପୌରୋହିତ୍ୟ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାକ୍ତନ ଅଧକ୍ଷ ମୁକ୍ତିକାନ୍ତ ଶତପଥି, ବସନ୍ତ କୁମାର ଖିଲାର, ପୂର୍ଣ୍ଣଚନ୍ଦ୍ର ନାୟକ, ବୁଦ୍ଧିରାମ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପାତ୍ର, ନିର୍ମଳ ଦାସ, ଚିନ୍ମୟୀ ମହାପାତ୍ର, ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କର ସରଳ ନିରାଡମ୍ବର ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ମଣ୍ଡିରେ ତାଲା, ଟୋକନ ଧରି ବସିଛନ୍ତି ଚାଷୀ

**କେନ୍ଦୁଝର,୧୭।୧(ସ୍ୱ.ପ୍ର.)**

- ଚାଷୀ ଅଭାବୀ ବିକ୍ରିର ଶିକାର
- ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ

କେନ୍ଦୁଝର ଜିଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ମଣ୍ଡିରେ ତାଲା ପଡ଼ିଥିବାରୁ ଧାନ ବିକିବା ପାଇଁ ଟୋକନ ଧରି ବସିଥିବା ଚାଷୀ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଫଳରେ କମ୍ ଦାମରେ ସେମାନେ ବେପାରୀଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ଜିଲାରେ ଲାଗି ରହିଥିବା ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀ ସଂଗଠନମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଜିଲାର ହରିଚନ୍ଦନପୁର ବ୍ଲକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ବ୍ଲକର ଜଂଘିରା ଲ୍ୟାମ୍ପ୍ସ ଅଧୀନରେ ଥିବା ପିଠାଗୋଳା, ଜଂଘିରା ଓ ବକ୍ସିବାରିଗାଁ ମଣ୍ଡି ଚଳିତ ମାସ ୨ ତାରିଖରୁ ବନ୍ଦ ରହିଛି। ଫଳରେ ଟୋକନ ପାଇଥିବା ଚାଷୀମାନେ ଧାନ ବିକି ପାରି ନ ଥିବା ଭାଜପାର ଏକ ପ୍ରତନିଧି ଦଳ ଗ୍ରସ୍ତ ବେଳେ ଜାଣିବାକୁ ପାଇଥିଲେ। ଏହି ଲ୍ୟାମ୍ପ୍ସରେ ସମୁଦାୟ ୧୪୫୪ ଚାଷୀ ୧,୬୪,୦୦୦ କୁଇଣ୍ଟାଲ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ସେଥି ମଧ୍ୟରୁ ୧୩ ଚାଷୀ (୧୦ ଏକରରୁ ଅଧିକ ଜମି ଥିବା ହେତୁ)ଙ୍କୁ ବାଦ ଦେଇ ୧୪୧୪ ଜଣଙ୍କ ନାମରେ ଟୋକନ ଆସିଥିଲା । ଜାନୁୟାରୀ



ଜଂଘିରା ଲ୍ୟାମ୍ପ୍ସ ଅଧୀନ ଏକ ମଣ୍ଡିରେ ଭାଜପା ପ୍ରତିନିଧି ଦଳ।

୧ ତାରିଖ ସୁଦ୍ଧା ୮୬୧ ଚାଷୀଙ୍କଠାରୁ ୨୭,୮୦୦ କୁଇଣ୍ଟାଲ ଧାନ କିଣାଯାଇଥିବା ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ମହେଶ୍ୱର ସାହୁ ଅଭିଯୋଗ କରିଛନ୍ତି। କିନ୍ତୁ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ୫୬,୦୦୦ କୁଇଣ୍ଟାଲ ରଖାଯାଇଥିବାରୁ ଅନ୍ୟମାନେ ଅଦ୍ୟାବଧି ଧାନ ବିକ୍ରିରୁ ବଞ୍ଚିତ ରହିଛନ୍ତି।

ସୂଚନା ଅନୁଯାୟୀ, ଜାନୁୟାରୀ ୨ ରୁ ୧୬ ତାରିଖ ମଧ୍ୟରେ ପିଠାଗୋଳା ମଣ୍ଡିରେ ସମୁଦାୟ ୮୯୨୪ କୁଇଣ୍ଟାଲ ଧାନ ବିକିବା ପାଇଁ ୩୦୧ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଟୋକନ ମିଳିଥିଲା। ସେହିପରି ବକ୍ସିବାରିଗାଁ ମଣ୍ଡିରେ ୪୦୮ ଚାଷୀଙ୍କୁ ୧୫,୬୯୦ କୁଇଣ୍ଟାଲ ଓ ଜଂଘିରା ମଣ୍ଡିରେ ୫୪୨ ଚାଷୀଙ୍କୁ ୧୭,୩୦୫ କୁଇଣ୍ଟାଲ ଧାନ ବିକିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ତେବେ ୨ ତାରିଖରୁ ମଣ୍ଡି ବନ୍ଦ ରହିଥିବାରୁ ଏହି ଚାଷୀମାନେ ଧାନ ବିକି ପାରିନାହାଁନ୍ତି। ଫଳରେ ପରୋକ୍ଷରେ ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ବିକିବାକୁ ବାଧ କରାଯାଉଛି ବୋଲି ପୂର୍ବତନ ବିଧାୟକ ଧନୁର୍ଯ୍ୟୟ ସିଦ୍ଧୁ ଅଭିଯୋଗ କରିଛନ୍ତି। ମିଲରମାନେ ବେପାରୀଙ୍କ ଜରିଆରେ କମ୍ ମୂଲ୍ୟରେ ଧାନ କିଣି ମାଲାମାଲ ହେବା ପାଇଁ ସରକାରୀ ଅଧିକାରୀଙ୍କ ସହାୟତାରେ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପ୍ରତି ପ୍ରଶାସନ ପଦକ୍ଷେପ ନ ନେଲେ ବାଧ ହୋଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହା ବ୍ୟତୀତ ଧାନ କିଣା ବେଳେ କିଛି ଧାନ କାଟି ରଖାଯାଉଥିବା, ବସ୍ତାର ମୂଲ୍ୟ ମିଳୁ ନ ଥିବା ନେଇ ଅଭିଯୋଗ ହେଉଛି । ସେହିପରି ଧାନକ୍ରୟ କେନ୍ଦ୍ର ନିକଟରେ ଚାଷୀଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ତଥା ପାନୀୟ ଜଳ, ଧାନ ରଖିବା ବ୍ୟବସ୍ଥା ଆଦି ସୁବିଧା ପାଇଁ ଅର୍ଥ ଆସୁଥିଲେ ହେଁ ସେସବୁ କରା ନ ଯାଇ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି ।

ଏନେଇ ଜିଲା ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀଙ୍କୁ ପଚାରିବାରୁ ଜିଲାରେ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ୯,୧୧,୦୦୦ କୁଇଣ୍ଟାଲ ପ୍ରଥମ ପର୍ଯ୍ୟାୟରେ ଆସିଥିଲା । ସେଥିରୁ ୬,୧୦,୦୦୦ କୁଇଣ୍ଟାଲ ସଂଗ୍ରହ ସରିଛି । କେତେକ ମଣ୍ଡିରେ ଧାନ କିଣା ଲକ୍ଷ୍ୟ ସରିଥିବାରୁ ତାହା ବନ୍ଦ ରହିଥିବ । ଚାଷୀମାନେ ଧାନ ବିକିବା ପାଇଁ ପୂର୍ବରୁ ନାମ ପଞ୍ଜୀକରଣ କରିଥିବାରୁ ଟୋକନ ଆସିଥିବ । ତେବେ ପୁଣି ଧାନ କିଣିବା ପାଇଁ ସରକାରଙ୍କଠାରୁ ଅନୁମତି ଲୋଡ଼ା ଯାଇଛି। ଅନୁମତି ମିଳିଲେ ଧାନ କିଣା ହେବ ବୋଲି ସେ କହିଛନ୍ତି।

## ଗାଡ଼ି ଓଲଟି ୫ ଗୋରୁ ମୃତ




ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

**ଭଦ୍ରକ ଅଫିସ, ୧୭।୧**

ଭଦ୍ରକ-ଧାମନଗର ରାସ୍ତାର ଭଣ୍ଡାରୀପଦି ଛକ ନିକଟରେ ରବିବାର ପୂର୍ବାହ୍ନରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ୨୫ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ତେବେ ଦୁର୍ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ପ୍ରାୟ ଦୁଇଘଣ୍ଟା ରାସ୍ତାରୋକୋ ହୋଇଥିଲା। ସୂଚନା ମୁତାବକ ଭଦ୍ରକରୁ ଏକ ପିକ୍‌ଅପ୍‌ରେ ବେଆଇନ ଭାବେ ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଧାମନଗର ନିଆଯାଉଥିଲା। ଭଣ୍ଡାରୀପଦି ଛକ ନିକଟରେ ଗାଡ଼ି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ମୃତ ଗୋରୁଙ୍କ ମଧ୍ୟରେ ୩ଟି ଷଣ୍ଢ ଓ ୨ଟି ଗାଈ ଥିବା ଜଣାପଡ଼ିଛି। ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଗୋରୁଙ୍କ ମୃତଦେହ ରଖି ଭଦ୍ରକ-ଧାମନଗର ରାସ୍ତା ଅବରୋଧ କରିଥିଲେ। ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ପିକ୍‌ଅପ୍ ଓ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

# ସରକାରୀ ଯୋଜନା ବିଷୟରେ ଅବଗତ କଲା ମତ୍ସ୍ୟବିଭାଗ



ମତ୍ସ୍ୟ ଅଧିକାରୀମାନେ ଯୋଜନା ବିଷୟରେ ବୁଝାଉଛନ୍ତି।

**ବାହାନଗା, ୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଞ୍ଚୁବିଷା ମତ୍ସ୍ୟଧରା କେନ୍ଦ୍ରରେ ମତ୍ସ୍ୟବିଭାଗ ତରଫରୁ ଅଧିକାରୀମାନେ ସରକାରୀ ଯୋଜନା ବିଷୟରେ ଅବଗତ କରାଇଛନ୍ତି। ମତ୍ସ୍ୟଜୀବୀମାନେ ୫୦ ହଜାର ଟଙ୍କା ଦେଇ ସାମୁଦ୍ରିକ ଜାଲ କିଣିଲେ ସେମାନଙ୍କୁ ସରକାର ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ଯୋଜନା ଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ସେହି ଅନୁଯାୟୀ ବ୍ଲକର ୧୦ଜଣ ମତ୍ସ୍ୟଜୀବୀ ୫୦ହଜାର ଟଙ୍କାର ଜାଲ କିଣି ତାର ସମସ୍ତ କାଗଜପତ୍ର ବିଭାଗଠାରେ ଦାଖଲ କରିଛନ୍ତି। ସେହି ୧୦ଜଣଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ଜଣଙ୍କ ନାମରେ ବିଭାଗରୁ ୨୦ହଜାର ଟଙ୍କା ସହାୟତା ରାଶି ମିଳିବ ବୋଲି ଅନୁମୋଦନ ହୋଇଛି। ସେମାନେ କରିଥିବା ଜାଲର କାଗଜପତ୍ର ସବୁ ଅଧିକାରୀ ଯାଞ୍ଚ କରିଥିଲେ। ସେହିପରି ଯେଉଁମାନେ ଦୀର୍ଘ ୫ବର୍ଷ ଧରି ସମୁଦ୍ରକୁ ମାଛ ମାରିବାକୁ ଦେଶୀଡଙ୍ଗାରେ ଯାଉଥିବେ ସେମାନଙ୍କ ଡଙ୍ଗା ମରାମତି ପାଇଁ ବିଭାଗ ପକ୍ଷରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାର ଯୋଜନା ଅଛି। ତେବେ ଏହି ଯୋଜନାରେ ହରିଜନ, ଅଦିବାସୀ ଓ ମହିଳାମାନଙ୍କ ପାଇଁ ଶତକଡା ୬୦ଭାଗ ଛାଡ ହେବାର ଯୋଜନା ଅଛି ଓ ଅନ୍ୟାନ୍ୟ ଡଙ୍ଗା ମାଲିକମାନଙ୍କୁ ମରାମତି ପାଇଁ ଏହି ଯୋଜନାରେ ଶତକଡା ୪୦ ଭାଗ ରିହାତି ମିଳିବ ବୋଲି ଅଧିକାରୀମାନେ ବୁଝାଇଥିଲେ। ବାଲେଶ୍ୱର ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧକାରୀ ଚିତ୍ତରଞ୍ଜନ ସାହୁ, ସହକାରୀ ଅପରେଟର ବିଜୟା ନନ୍ଦନ ପଟ୍ଟନାୟକଙ୍କ ସମେତ ଗୋପାଳପୁର ସାମୁଦ୍ରକ ସମ୍ପ୍ରସାରଣ ଅଧିକାରୀ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ସଚେତନ କରାଇଥିଲେ।

## ପ୍ରଫେସର ପ୍ରମୋଦ ଶତପଥୀ ହେଲେ ସାହିତ୍ୟ ପରିଷଦର ସଭାପତି

**ବାରିପଦା ଅଫିସ,୧୭।୧**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ପରିଷଦର ସଭାପତି ଭାବେ ରସାୟନ ବିଭାଗ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କୁ ମନୋନୀତ କରାଯାଇଛି । ସେହିପରି ଉପସଭାପତି ଭାବେ ପ୍ରାଣୀବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ପୁଷ୍ପାଞ୍ଜଳି ପରିଡ଼ା ମନୋନୀତ ହୋଇଥିବା ସାହିତ୍ୟ ପରିଷଦର ସମ୍ପାଦକ ଅଧ୍ୟାପକ ଡ. ବିଚିତ୍ରାନାଥ ସାହୁ ଜଣାଇଛନ୍ତି । ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କ ଦ୍ୱାରା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସମସ୍ତ ସ୍ନାତକୋତ୍ତର ବିଭାଗଗୁଡ଼ିକୁ ନେଇ ୨୦୧୯ରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସାହିତ୍ୟ ପରିଷଦ ଗଠିତ ହୋଇଥିଲା। ଦୀର୍ଘଦିନ ଧରି ସାହିତ୍ୟ ପରିଷଦର ସଭାପତି ଓ ଉପସଭାପତି ପଦବୀ ଖାଲି ପଡ଼ିଥିଲା।

## ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଯୋଡ଼ା,୧୭।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ନିୟୋଜିତ ଥିବା ପରିମଳ କର୍ମଚାରୀ ତଥା ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଯୋଡ଼ା ପୌର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଜୋଷୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଡା. ସୁବୋଧ କୁମାର ତ୍ରିପାଠୀ, ଡା. ପ୍ରତାପ କୁମାର ନାଏକ, ଲାବରେଟୋରି ଟେକ୍ନିସିଆନ ପବିତ୍ର ମୋହନ ପ୍ରଧାନଙ୍କ ସହ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ପରିମଳ କର୍ମଚାରୀଙ୍କ ରକ୍ତ ନମୁନା ସଂଗ୍ରହ ଓ ରକ୍ତ ଗ୍ରୁପ୍ ଆଦି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ୧୪୧ ସଫେଇ କର୍ମଚାରୀ, ୧୨ ଡ୍ରାଇଭର, ୫ ସୁପରଭାଇଜର, ସ୍ୱଚ୍ଛସାଥୀ, ସ୍ୱଚ୍ଛସାଥୀ ସୁପରଭାଇଜର ଓ ପୌର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସରକାରୀ ଗାଇଡଲାଇନ ଅନୁଯାୟୀ ସଫେଇ କର୍ମଚାରୀଙ୍କ ଜୀବନ ଜୀବିକା ଏବଂ ଗର୍ବର ସହିତ ସମାଜରେ ଚଳିବା ତଥା ସେମାନଙ୍କ ପରିବାରବର୍ଗଙ୍କ ଆର୍ଥିକ ଉନ୍ନତି, ଶିକ୍ଷା ଅଗ୍ରଗତି ନିମନ୍ତେ ପୌର ପରିଷଦ ପକ୍ଷରୁ ଉଦ୍ୟମ କରାଯିବା ସହ ଆସନ୍ତା ୨୦ରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ଉପଲକ୍ଷେ ବଡ଼ଖାନା ଆୟୋଜନ କରାଯିବାକୁ ସ୍ଥିର ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପାଟଯୋଶୀ ସୂଚନା ଦେଇଛନ୍ତି। ପୌର କର୍ମଚାରୀ ରାମଚନ୍ଦ୍ର ପାତ୍ର, କଳାକାର ସାହା, ସୁଧାଂଶୁ ଜେନା, ଗୋଷ୍ଠୀ ସଙ୍ଗଠିକା ତ୍ରିବେଣୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଶିବିରରେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ପଞ୍ଜୀକରଣ ତ୍ରୁଟି ପ୍ରତିବାଦରେ ଚାଷୀ ସମାବେଶ

**ଭଣ୍ଡାରିପୋଖରୀ,୧୭।୧(ଡି.ଏନ.ଏ)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନ ସରସଦା ସମିତି ଆଗରେ ଶନିବାର ଚାଷୀ ସମାବେଶ ହୋଇଥିଲା। ପଞ୍ଜୀକରଣରେ ତ୍ରୁଟି ଯୋଗୁ ସମିତିର ବହୁ ଚାଷୀ ଧାନ ବିକ୍ରି କରିବାରୁ ବାଦ୍ ପଡ଼ିଛନ୍ତି। ଅନେକ ଚାଷୀଙ୍କ ଅଧିକ ଜମି ଥିଲେ ମଧ ଅଳ୍ପ କିଛି ଧାନ ବିକ୍ରି କରିବା ନେଇ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ବ୍ୟବସ୍ଥାଗତ ତ୍ରୁଟି ପାଇଁ ସମିତି ଅଧୀନ ପ୍ରାୟ ୩ ଶହରୁ ଅଧିକ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏହି ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହେବା ପ୍ରତିବାଦରେ ସମିତି ଆଗରେ ଧାରଣା ଦେଇଥିଲେ। ଏ ନେଇ ଚାଷୀମାନେ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଧାରଣା ଦେଇଥିବା କହିଥିଲେ। ଅନ୍‌ଲାଇନ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଆନନ୍ଦ ଶାସିନୀ, ଦିଲୀପ ପାତ୍ର, ଅରୁଣା ରାଉତ, ରାମଚନ୍ଦ୍ର ସେନାପତି, ହୃଷୀକେଶ ମହାରଣା, ଦେବେନ୍ଦ୍ର ଧଳ, ପୀତାମ୍ବର ନାୟକ, ଜଗନ୍ନାଥ ପାତ୍ର, ଅଶୋକ ଜେନା, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରେମାନନ୍ଦ ଧଳ ପ୍ରମୁଖ ଶୀଘ୍ର ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଦାବି କରିଥିଲେ। ତେବେ ଧାରଣା ସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିବାରୁ ସୋମାବରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସମିତି ବନ୍ଦ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ତନ୍ମୟ ଜିଲା ଯୁବ କଂଗ୍ରେସ ଉପସଭାପତି

**ସୋର, ୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଯୁବ କଂଗ୍ରେସର ଉପସଭାପତି ଭାବେ ସୋରର ଯୁବନେତା ତନ୍ମୟ ଦାଶମହାପାତ୍ର ରାଜ୍ୟ ଯୁବ କଂଗ୍ରେସ ତରଫରୁ ମନୋନୀତ ହୋଇଛନ୍ତି। ୨୦୧୧ରେ ତନ୍ମୟ ସୋର ଯୁଏନ୍ କଲେଜରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ବିଭାଗରେ ଶିକ୍ଷା ଶେଷ କରିବା ପରେ ରାଜ୍ୟ ଛାତ୍ର ଏବଂ ଯୁବ କଂଗ୍ରେସର ଜଣେ ସକ୍ରିୟ କର୍ମକର୍ତ୍ତା ଭାବେ ପରିଚୟ ସୃଷ୍ଟି କରିଥିଲେ। ଜିଲା ଉପସଭାପତି ମନୋନୀତ ହେବା ପରେ ସେ ରାଜ୍ୟ କଂଗ୍ରେସର ସଭାପତି ନିରଞ୍ଜନ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ତାରାପ୍ରସାଦ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରାଜ୍ୟ ଯୁବକଂଗ୍ରେସ ସଭାପତି ସ୍ମିତରଞ୍ଜନ ଲେଙ୍କା, ସୋର ଟାଉନ ସଭାପତି ରାଜେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଅତସୀ ମହାପାତ୍ର, ଶ୍ରୀକାନ୍ତ ଜେନା, ଏବଂ ଜିଲା ଯୁବକଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

**ଝୁମ୍ପୁରା, ୧୭।୧ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତର ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କେବଳ ଶ୍ରମଦିବସ ସୃଷ୍ଟି କରିବା ଲକ୍ଷ୍ୟରଖି ଆବଶ୍ୟକତା ନ ଥିବା ଜାଗାରେ ମଧ୍ୟ ପ୍ରକଳ୍ପ ମଞ୍ଜୁର କରାଯାଉଛି। ଅନିୟମିତତାରେ ପ୍ରମୁଖ ସହଯୋଗ କରୁଛନ୍ତି ଜବ୍‌କାର୍ଡଧାରୀ। ବହୁ ସଂଖ୍ୟାରେ ଜବ୍‌କାର୍ଡଧାରୀ କାମକୁ ଯାଉନାହାନ୍ତି। ହେଲେ ମଷ୍ଟରରୋଲ ସେମାନଙ୍କ ନାମରେ ତିଆରି ହେଉଛି, ଦସ୍ତଖତ ଦେଉଛନ୍ତି। ଟଙ୍କା ବ୍ୟାଙ୍କ ଖାତାକୁ ଆସୁଛି, ତା'ପରେ କାମ ନ କରି ମଜୁରି ଟଙ୍କା ଅଧା ଜବ୍‌କାର୍ଡଧାରୀଙ୍କର ଅଉ ଅଧା ଅନ୍ୟମାନଙ୍କର। ଝୁମ୍ପୁରା ବ୍ଲକରେ ଏହିସବୁ ଖୁବ୍ ଜୋରସୋର ଚାଲିଛି।

ଝୁମ୍ପୁରା ବ୍ଲକର ଜଙ୍ଗଲାଞ୍ଚଳରେ ଅବସ୍ଥିତ କୁଟୁଗାଁ ପଞ୍ଚାୟତର ଅଭିଯୋଗ ପରେ ନିଶ୍ଚିନ୍ତପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗ ହୋଇଛି। ନିଶ୍ଚିନ୍ତପୁର ପଞ୍ଚାୟତର ସାନହୁଣ୍ଡୁଳା ଗ୍ରାମର ଜଙ୍ଗଲ ପାର୍ଶ୍ୱକୁ ରହିଛି କାଟାବନ୍ଧ। ବର୍ଷାଦିନେ ଜଙ୍ଗଲର ପାଣି ଏହି ବନ୍ଧରେ ପଶିଥାଏ ଏବଂ ବନ୍ଧର ୨ପାର୍ଶ୍ୱରେ ରହିଥିବା କେନାଲ ଦ୍ୱାରା ପାଣି ବାହାରିଥାଏ। ସୂଚନା ଅନୁଯାୟୀ ଉକ୍ତ କାଟାବନ୍ଧର ପଙ୍କ ଉଦ୍ଧାର ପାଇଁ ୨୦୧୯-୨୦ ମସିହାରେ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏବେ ପୁଣି ୨୦୨୦-୨୧ ଆର୍ଥିକ ବର୍ଷରେ ପଙ୍କ ଉଦ୍ଧାର ପାଇଁ ବ୍ୟୟ କରାଯାଇଛି ୧୦ଲକ୍ଷ ଟଙ୍କା। ଗତବର୍ଷର ସୂଚନା ଫଳକକୁ ରଙ୍ଗମାରି ଲିଭାଇ ଦେଇ ଚଳିତବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟୟ ଅଟକଳ ଲେଖାଯାଇଛି। ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ବନ୍ଧରେ ଆଦୌ ପଙ୍କ ନ ଥିଲା, କେବଳ କିଛି ଜାଗା ମାଟି ଉଠାଯାଇ ବ୍ୟୟ ଅଟକଳ ୧୦ଲକ୍ଷ ଟଙ୍କା ଦଫାରଫା କରି ଦିଆଯାଇଛି। ପୁଣି ସେହି କାଟାବନ୍ଧ ତଳକୁ ଥିବା କେନାଲରେ କେବଳ ପଥର ଖଣ୍ଡକୁ ସଜାଡି ଦେଇ ଅନ୍ୟ ଏକ ପ୍ରକଳ୍ପର ଯୋଜନା କରି ୬ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏଠାରେ ମଧ୍ୟ ସାମଗ୍ରୀ ଅଂଶରେ ବ୍ୟାପକ ଅନିୟମିତତା ହେବା ଅଭିଯୋଗ ହୋଇଛି। କେନାଲରେ ଯେଉଁ ପଥରଖଣ୍ଡ ସବୁ ସଜେଇ ଦିଆଯାଇଛି, ସେଥିରେ କୌଣସି ଜାଗାରେ ସିମେଣ୍ଟ ଦିଆଯାଇ ନାହିଁ।

ସୂଚନା ଅନୁଯାୟୀ ନିଶ୍ଚିନ୍ତପୁର ପଞ୍ଚାୟତରେ ୧୧ଟି ଗ୍ରାମ ରହିଥିବାବେଳେ, ୨୦୧୧ମସିହାର ଜନଗଣନା ଅନୁଯାୟୀ ଲୋକ ସଂଖ୍ୟା ୫୯୧୧। ଏବେ ରିପୋର୍ଟ ଅନୁଯାୟୀ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ୩୦୩୬। ବହୁ ଜବ୍‌କାର୍ଡଧାରୀ କାମ ନ କରି ମଧ୍ୟ ମେଟ୍ ଏବଂ ଠିକାଦାରଙ୍କ ସହିତ ସୁସମ୍ପର୍କ ରଖି ଜବ୍‌କାର୍ଡରେ ବ୍ୟାଙ୍କକୁ ଆସୁଥିବା ଟଙ୍କା ତମର ଅଧା, ଅମାର ଅଧା ହିସାବରେ କାମ ଚାଲିଛି। କାଟାବନ୍ଧ ପଙ୍କ ଉଦ୍ଧାର ଏବଂ କେନାଲର ଅନିୟମିତତା ସମ୍ପର୍କରେ ଝୁମ୍ପୁରା ବ୍ଲକ ଯନ୍ତ୍ରୀ ସନ୍ତୋଷ କୁମାର ନନ୍ଦଙ୍କୁ ପଚାରିବାରୁ ସେପରି କିଛି ହୋଇ ନାହିଁ। ସବୁକିଛି ଠିକ୍ ଅଛି। ବିଡିଓ ବିଜୟ କୁମାର ନାୟକ କହିଛନ୍ତି, ମୁଁ ଏହି ବିଷୟରେ ଅନୁଧ୍ୟାନ କରିବି।

# ପରେଡ୍‌ରେ ଭାଗ ନେବେନି ଛାତ୍ରୀଛାତ୍ର

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୧୭।୧**

ବାଲେଶ୍ୱର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ସହରରେ ରାମଧୁନ ପରିବେଷଣ କରାଯିବ। ପୂର୍ବାହ୍ନ ୭ଟା ୩୦ ମିନିଟ୍ ସୁଦ୍ଧା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ପୋଲିସ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ସମାରୋହରେ କେବଳ ପୋଲିସବାହିନୀ ଅଂଶଗ୍ରହଣ କରିବେ। ସ୍କୁଲ, କଲେଜ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ୍ ଏଥିରେ ଭାଗ ନେବେ ନାହିଁ । ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ୍ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବ। ଅନ୍ୟ ଦର୍ଶକମାନଙ୍କୁ ପଡ଼ିଆ ମଧ୍ୟକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। କୋଭିଡ କଟକଣା ଅନୁଯାୟୀ ପଡ଼ିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନଲାଇନ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମ ନିମନ୍ତେ ବ୍ୟାରିକେଡ, ମଞ୍ଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥି ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇ ଅଂଶଗ୍ରହଣ କରିଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

